# NATIONAL NEWS BULLETIN (ODIA)
## 21 October - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବୈଶ୍ୱିକ ଆହ୍ୱାନ ଗୁଡ଼ିକ ମଧ୍ୟରେ ଭାରତ ସ୍ଥିରତା ଏବଂ ସମ୍ବେଦନଶୀଳତାର ପ୍ରତୀକ ଭାବେ ଉଭା ହୋଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ବିହାର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆଜି ଶେଷ ହୋଇଛି ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ।
- ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀ ।
- ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେଲେ ସାନାଏ ତାକାଇଚି ।

ଏବଂ

- ଆଇ.ସି.ସି. ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର କଲମ୍ବୋଠାରେ ଜାରି ରହିଛି ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ।

# ପିଏମ୍-ଲେଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାମ୍ପ୍ରତିକ ବୈଶ୍ୱିକ ଆହ୍ୱାନ ଗୁଡ଼ିକ ମଧ୍ୟରେ ଭାରତ ସ୍ଥିରତା ଏବଂ ସମ୍ବେଦନଶୀଳତାର ପ୍ରତୀକ ଭାବେ ଉଭା ହୋଇଛି । ଦୀପାବଳି ଅବସରରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଚିଠିରେ ଶ୍ରୀ ମୋଦୀ କହିଛନ୍ତି, ନିକଟ ଭବିଷ୍ୟତରେ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବା ପଥରେ ଅଗ୍ରସର ହେଉଛି । ବିକାଶ ଏବଂ ଆତ୍ମନିର୍ଭର ଭାରତର ଯାତ୍ରାରେ ପ୍ରତ୍ୟେକ ନାଗରୀକଙ୍କର ରାଷ୍ଟ୍ର ପାଇଁ ରହିଥିବା କର୍ତ୍ତବ୍ୟ ପାଳନ ପ୍ରାଥମିକ ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଅପରେସନ୍ ସିନ୍ଦୂର ସମୟରେ ଭାରତ ଧାର୍ମିକତାକୁ ବଜାୟ ରଖିବା ସହ ଅନ୍ୟାୟର ପ୍ରତିଶୋଧ ମଧ୍ୟ ନେଇଥିଲା । ପ୍ରଭୁ ଶ୍ରୀରାମ ଲୋକଙ୍କୁ ଧାର୍ମିକତାକୁ ବଜାୟ ରଖିବା ଏବଂ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ସାହସ ପ୍ରଦାନ କରନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଭିପି-ଆର୍‌ଏସ୍ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ରାଜ୍ୟସଭା ସଚିବାଳୟ ପରିଦର୍ଶନ କରିଛନ୍ତି । ରାଜ୍ୟସଭାର ସୁଗମ ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତା ନେଇ ସଚିବାଳୟର ଅଧିକାରୀ ଏବଂ କର୍ମଚାରୀଙ୍କର

ଭୂମିକାକୁ ଉପରାଷ୍ଟ୍ରପତି ଉଚ୍ଚପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସଂସଦୀୟ କାର୍ଯ୍ୟକୁ ମଜବୁତ କରିବା ପାଇଁ ସଚିବାଳୟ କର୍ମଚାରୀଙ୍କର ଉଲ୍ଲେଖନୀୟ ନିଷ୍ଠା ଏବଂ ବୃତ୍ତିଗତ ପ୍ରତିବଦ୍ଧତା ରହିଛି ।

## ବିହାର ଇଲେକ୍ସନ୍

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଆଜି ଶେଷ ହୋଇଛି । ଆସନ୍ତା ୨୩ ତାରିଖ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି । ଆସନ୍ତା ମାସ ୧୧ ତାରିଖରେ ଏହି ପର୍ଯ୍ୟାୟରେ ୧୨୨ଟି ଆସନ ପାଇଁ ମତଗ୍ରହଣ କରାଯିବ । ଯାଞ୍ଚ୍ ସମୟରେ ପୂର୍ବ ଚମ୍ପାରନ୍ ଜିଲ୍ଲାର ସୁଗୌରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିମାଙ୍କନପତ୍ର ଦାଖଲ କରିଥିବା ବିକାଶଶୀଳ ଇନ୍‌ସାନ୍ ପାର୍ଟିର ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇଯାଇଛି । ଆବଶ୍ୟକ ସଂଖ୍ୟକ ପ୍ରସ୍ତାବକ ନଥିବାରୁ ତାଙ୍କର ନାମାଙ୍କନପତ୍ର ଖାରଜ ହୋଇଥିବା ଜଣାପଡ଼ିଛି ।

# ଜେଏମ୍ଏମ୍-ବିହାର ଇଲେକ୍ସନ୍

ଅନ୍ୟ ପକ୍ଷରେ ନିର୍ବାଚନରେ ଆସନ ବୁଝାମଣା ବିଫଳ ହେବା ନେଇ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଇଣ୍ଡି ମେଣ୍ଟ ସହଯୋଗୀ ଦଳ ଗୁଡ଼ିକୁ ଦାୟୀ କରିଛି । ଗିରିଡିହ ଠାରେ ବରିଷ୍ଠ ଜେ.ଏମ୍.ଏମ୍. ନେତା ସୁଦିବ୍ୟ କୁମାର କହିଛନ୍ତି, ମେଣ୍ଟର ଅଂଶିଦାର ଦଳଗୁଡ଼ିକ ଜେ.ଏମ୍.ଏମ୍.ର ସ୍ଥିତିକୁ ଦୁର୍ବଳ କରିବା ସହ ମେଣ୍ଟର ରାଜନୈତିକ ନୀତି ସହିତ ବିଶ୍ୱାସଘାତକତା କରିଛନ୍ତି । ଆସନ ବଣ୍ଟନ ବ୍ୟବସ୍ଥା ଦଳକୁ ବିଚଳିତ କରିବାରୁ ଜେ.ଏମ୍.ଏମ୍. ଓହରି ଯିବାକୁ ବାଧ୍ୟ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି । ସ୍ୱାଧୀନ ଭାବରେ ୬ଟି ଆସନରେ ଜେ.ଏମ୍.ଏମ୍. ନିର୍ବାଚନ ଲଢ଼ିବା ନେଇ ଘୋଷଣା କରିବାର ଗୋଟିଏ ଦିନ ପରେ ମେଣ୍ଟରୁ ଓହରି ଯିବା ନେଇ ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ଅନ୍ୟ ପକ୍ଷରେ କଂଗ୍ରେସ ନେତା ରାକେଶ ସିହ୍ନା କହିଛନ୍ତି, ଜେ.ଏମ୍.ଏମ୍. ଆଗାମୀ ନିର୍ବାଚନ ପାଇଁ ଆସନ ପାଇବା ପାଇଁ ଯୋଗ୍ୟ କିନ୍ତୁ ଏଥିପାଇଁ କଂଗ୍ରେସକୁ ଦାୟି କରାଯିବା ଉଚିତ୍ ନୁହେଁ ।

# ରାଜନାଥ ସିଂହ

ସୁଦୃଢ଼ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଦେଶରେ ମାଓବାଦୀ କାର୍ଯ୍ୟକଳାପ ବହୁ ପରିମାଣରେ ହ୍ରାସ ପାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ନୂଆଦିଲ୍ଲୀର ଜାତୀୟ ପୁଲିସ୍ ସ୍ମାରକୀ ଠାରେ ପୁଲିସ୍ ସ୍ମୃତି ଦିବସ ପାଳନ ଅବସରରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ମନ୍ତ୍ରୀ ଶ୍ରୀ ସିଂହ ଏହା କହିଛନ୍ତି । ପୁଲିସ୍ ଅନ୍ୟ ସୁରକ୍ଷା ବାହିନୀ ଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ନିଷ୍ଠା ଏବଂ ଦୃଢ଼ ସାହସର ସହ ପଦକ୍ଷେପ ଗ୍ରହଣ କରୁଥିବାରୁ ମାଓ କାର୍ଯ୍ୟକଳାପ ହ୍ରାସ ଦିଗରେ ଉଲ୍ଲେଖନୀୟ ସଫଳତା ମିଳି ପାରିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

**V/O-1-RAJNATH-GROWTH-CORRIDOR**

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରି କାର୍ଯ୍ୟ କରିବାକୁ ପଡ଼ିବ ।

# ନାଭି କମାଣ୍ଡର କନ୍‌ଫରେନ୍ସ

ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଅପରେସନ୍

ସିନ୍ଦୂର ଏବଂ ନୌସେନାର ଉନ୍ନତ ଯୁଦ୍ଧ ପ୍ରସ୍ତୁତି ପୃଷ୍ଠଭୂମିରୁ ଏହି ତିନି ଦିନିଆ ସମ୍ମିଳନୀ ଗୁରୁତ୍ୱ ବହନ କରୁଛି । ସମ୍ମିଳନୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ କ୍ୟାବିନେଟ୍ ସଚିବ ନୌସେନା କମାଣ୍ଡରମାନଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରତିରକ୍ଷା କର୍ମଚାରୀ ପ୍ରମୁଖ ଏବଂ ବାୟୁ ସେନା ମୁଖ୍ୟ ମଧ୍ୟ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେବା ସହ ନୌସେନାର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିବେ । ସାମ୍ପ୍ରତିକ ଭୂ-ରଣନୈତିକ ପରିବେଶରେ ବହୁପକ୍ଷୀୟ ଆହ୍ୱାନକୁ ମୁକାବିଲା କରିବାରେ ନୌସେନା ଦୃଷ୍ଟିକୋଣରୁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ଜାପାନ-ପିଏମ୍

ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ସାନାଏ ତାକାଇଚି ନିର୍ବାଚିତ ହୋଇଛନ୍ତି । ଉଚ୍ଚସଦନରେ ଶ୍ରୀମତୀ ତାକାଇଚିଙ୍କୁ ୧୨୫ ଖଣ୍ଡ ଭୋଟ୍ ଏବଂ ନିମ୍ନ ସଦନରେ ୨୩୭ ଖଣ୍ଡ ଭୋଟ୍ ପାଇ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି । ଟେଲିଭିଜନର ପୂର୍ବତନ ଉପସ୍ଥାପିକା ଶ୍ରୀମତୀ ତାକାଇଚି ୧୯୯୩ ମସିହାରେ ଜାପାନ ରାଜନୀତିରେ ପ୍ରବେଶ

କରିଥିଲେ । ସ୍ୱାଧୀନ ଭାବରେ ନିମ୍ନ ସଦନକୁ ସେ ନିର୍ବାଚିତ ହୋଇଥିଲେ ।

୬୪ ବର୍ଷୀୟ ସାଂସଦ ତାକାଇଚି ତାଙ୍କର ଘରୋଇ ଅଞ୍ଚଳ ନାରା ପ୍ରଦେଶକୁ ପ୍ରତିନିଧିତ୍ୱ କରୁଛନ୍ତି । ୧୯୯୬ ମସିହାରେ ସେ ଜାପାନର ଶାସକ ଲିବେରାଲ୍ ଡେମୋକ୍ରାଟିକ୍ ପାର୍ଟିରେ ଯୋଗଦେଇଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ନେତୃତ୍ୱାଧୀନ ସରକାରରେ ପ୍ରଥମଥର ପାଇଁ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

ମୋଟେଗି ତୋସିମିତ୍ସୁ ଜାପାନର ନୂତନ ବୈଦେଶିକ ମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଏବଂ ସହଭାଗିତାକୁ ସୁଦୃଢ଼ କରିବା ନେଇ ମୋଟେଗିଙ୍କ ସହ ସେ କାର୍ଯ୍ୟ କରିବାକୁ ଆଗ୍ରହୀ ।

# ଅଶ୍ୱିନୀ-ଓ୍ୱାର୍ ରୁମ୍

ନୂଆଦିଲ୍ଲୀ ସ୍ଥିତ ରେଳ ଭବନରେ ସ୍ଥାପିତ ସ୍ଥିତି ନିୟନ୍ତ୍ରଣ କକ୍ଷକୁ ଆଜି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପରିଦର୍ଶନ କରିଛନ୍ତି । ଚଳିତ ପାର୍ବଣ ଋତୁରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକର ସ୍ଥିତି ନେଇ ମନ୍ତ୍ରୀ ଶ୍ରୀ

ବୈଷ୍ଣବ ସେଠାରେ ସମୀକ୍ଷା କରିଛନ୍ତି । ଯାତ୍ରୀଙ୍କର ସୁଗମ ଜାତାୟତ ସୁନିଶ୍ଚିତ କରିବାକୁ ସେ ରେଳବାଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଚଳିତ ପାର୍ବଣ ଋତୁରେ ଭାରତୀୟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି । ଦୀପାବଳି ଏବଂ ଛଟ ପର୍ବ ଅବସରରେ ରେଳବାଇ ପକ୍ଷରୁ ୧୨ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି ।

## ଦିଲ୍ଲୀ-ଏକ୍ୟୁଆଇ

ଦିଲ୍ଲୀ ଏନ୍.ସି.ଆର୍. ଅଞ୍ଚଳରେ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ସ୍ତରରେ ପହଞ୍ଚିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଇଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣରେ ଗୁଣବତ୍ତା ସୂଚକାଙ୍କ ୩୫୭ ରେକର୍ଡ଼ କରାଯାଇଛି । ଅନ୍ୟ ପକ୍ଷରେ ବାୟୁ ଗୁଣବତ୍ତା ପରିଚାଳନା କମିଶନ୍ ର ଉପକମିଟି ପୂର୍ବରୁ ଜାତୀୟ ରାଜଧାନୀ ଅଞ୍ଚଳରେ ଗ୍ରେଡେଡ୍ ରେସ୍‌ପନ୍ସ ଆକସନ୍ ପ୍ଲାନ୍ – ଜି.ଆର୍.ଏ.ପି.-ଟୁ ପ୍ରତିବନ୍ଧକ ଲାଗୁ କରିଛି ।

# ଜାମ୍ମୁ କାଶ୍ମୀର-ଡେଙ୍ଗୁ କେଶ୍

ଜାମ୍ମୁ କାଶ୍ମୀରରେ ଚଳିତ ବର୍ଷ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇଛି । ଏ ପର୍ଯ୍ୟନ୍ତ ୨ହଜାର ୨୦୦ ସଂକ୍ରମଣ ରେକର୍ଡ଼ କରାଯାଇଛି । ୨ହଜାର ୧୬୮ ଜଣ ଡେଙ୍ଗୁ ମାମଲା ନିଶ୍ଚିତ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି । ଜାମ୍ମୁ ଜିଲ୍ଲାରେ ସର୍ବାଧିକ ୯୬୦ ମାମଲା ରିପୋର୍ଟ୍ ହୋଇଥିବା ବେଳେ ଏହା ପରେ କାଠୁଆ, ସାମ୍ଭା ଏବଂ ଉଧମପୁର ଅଞ୍ଚଳରୁ ମଧ୍ୟ ଡେଙ୍ଗୁ ସଂକ୍ରମଣକୁ ଚିହ୍ନଟ କରାଯାଇଛି । କାଶ୍ମୀର ଅଞ୍ଚଳରୁ ୨୩ ଜଣ ଏବଂ ଅନ୍ୟ ରାଜ୍ୟରୁ ଆସିଥିବା ୪୧ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ମଶା ବାହିତ ଏହି ରୋଗକୁ ପ୍ରତିହତ କରିବା ଲାଗି ଜନ ସଚେତନତା ବୃଦ୍ଧି ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ।

# କ୍ରିକେଟ୍

ଆଇ.ସି.ସି. ମହିଳା ବିଶ୍ୱକପ୍ କ୍ରିକେଟ୍ ଦିନିକିଆ ପ୍ରତିଯୋଗିତାର ଆଜିର ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ମଧ୍ୟରେ ଜାରି ରହିଛି । ଶ୍ରୀଲଙ୍କା କଲମ୍ବୋ ସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ' ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ବର୍ଷା ଯୋଗୁଁ ମ୍ୟାଚ୍‌କୁ ୪୦ ଓଭରରେ ସୀମିତ

ରଖାଯାଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୨୫ ଓଭରରେ ୩ ୱିକେଟ୍ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା ।

## ଚେସ୍ ୱାର୍ଲ୍ଡକପ୍

ଫିଡେ ଚେସ୍ ବିଶ୍ୱକପ୍ ୨୦୨୫ ପ୍ରତିଯୋଗିତା ଆସନ୍ତା ୩୧ରୁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବ । ଦୀର୍ଘ ୨୩ ବର୍ଷ ପରେ ଭାରତରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ ଆଜି ଆନୁଷ୍ଠାନିକ ଭାବେ ଏହି ପ୍ରତିଯୋଗିତାର ଲୋଗୋ ଏବଂ ସଙ୍ଗୀତକୁ ଉନ୍ମୋଚନ କରିଛନ୍ତି ।

ଚେସ୍ ବିଶ୍ୱକପ୍ ପ୍ରତିଯୋଗିତାରେ ୮୨ଟି ଦେଶର ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ । ବିଜେତାଙ୍କୁ ୨ ନିୟୁତ ଡଲାର୍ ମୂଲ୍ୟର ପୁରସ୍କାର ରାଶି ପ୍ରଦାନ କରାଯିବ ।